# ସତ୍ୟପ୍ରକାଶ



# THE WORD OF TRUTH

**JULY - AUGUST 2021**

An Oriya Bimonthly Bulletin published by the

**CHURCH OF CHRIST**

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-27. July & August. 2021. No.4**

*Published every two months in **Oriya language** for the Restoration of the pure New Testament Christianity*

## Blessings of Abraham

**Kabita Gootam**

Gen 12:1-3:- Now LORD said to Abram,
(1) Get out of your country
(2) From your kindred
(3) And from your father's house
(4) To a LAND that I will show you
(5) I will make you a great nation
(6) I will bless you (personal)
(7) And you shall be a blessing
(8) And in you (Gal 3:8). all the families of the earth will be blessed (Universal)

Gen 15:5:-"Then He brought him outside and said. Look now towards heaven. and count the stars. if you are able to number them, And he said to him, so shall your descendants be."

Gen15:6:-"And he believed in the LORD. and He counted it to him righteousness."

Roman 12:28:-"For he is not a Jew (descendent of Abraham): who is one outwardly... (29 vs/-) but he is Jew who is one inwardly and circumcision of the heart. in the spirit not in th letter..."

Gal 3:7:-"Therefore know that only those are of faith are sons of Abraham...so then those who are in faith are blessed with believing God"

Gal 3:29:-"If you are IN CHRIST. then you are Abraham's seed. HEIR'S according to promise."(Ephesians 3-7)

Col 2:7:-"Rooted and build up in him (Jesus)...And ye are complete in him".

# ସତ୍ୟବାଣୀ
# VOICE OF TRUTH

**VOL - XXVII KAKINADA JULY-AUG-2021**


## ଓବଦିୟ
## (Obadiah)

"ଓବଦିୟ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ" ଏକ ଅଧ୍ୟାୟ ପୁସ୍ତକ । ଏଥିରେ କେବଳ ଏକୋଇଶି ବାକ୍ୟ ଲିଖିତ ହୋଇଅଛି । ଏହା ପୁରାତନ ନିୟମ ସବୁଠାରୁ ସାନ ପୁସ୍ତକ । ଏହି ପୁସ୍ତକର କୌଣସି ବାକ୍ୟ ନୂତନ ନିୟମରେ ଉଲ୍ଲେଖ କରାଯାଏ ନାହିଁ ।

"ଓବଦିୟ" ବୋଲି ଏହି ନାମ ଅର୍ଥ ପରମେଶ୍ୱରଙ୍କ ଦାସ । "ଓବଦିୟ" ନାମରେ ଖ୍ୟାତ ତେରଜଣ ବ୍ୟକ୍ତିଙ୍କ ବିଷୟରେ ପବିତ୍ର ଶାସ୍ତ୍ରରେ ଉଲ୍ଲେଖ କରାଯାଏ । ସେମାନଙ୍କ ମଧ୍ୟରେ ରାଜା ଆହାବଙ୍କ ଅଧ୍ୟକ୍ଷ "ଓବଦିୟ" ଏକ ପ୍ରମୁଖ ବ୍ୟକ୍ତି । ରାଣୀ ଇଷେବଲ ସଦାପ୍ରଭୁଙ୍କ ଭବିଷ୍ୟଦ୍‌ବକ୍ତାମାନଙ୍କୁ ଉଚ୍ଛିନ୍ନ କରିବା ସମୟରେ, ସେ ପଚାଶ ପଚାଶ ଜଣ କରି ଗହ୍ୱର ମଧ୍ୟରେ ଲୁଚାଇ ରଖି ଅନ୍ନଜଳ ଦେଇ ସେମାନଙ୍କୁ ପ୍ରତିପାଳନ କରିଥିଲେ । (୧ ରାଜାବଳୀ ୧୮:୧-୪) ଏହି ପୁସ୍ତକ କର୍ତ୍ତା, ଓବଦିୟ ବିଷୟରେ ଲେଖାଯାଏ ନାହିଁ । ଅନ୍ୟ ଭାବବାଦୀମାନଙ୍କ ସଦୃଶ୍ୟ ଓବଦିୟଙ୍କ ବ୍ୟକ୍ତିଗତ ଜୀବନ, ତାହାଙ୍କ ପିତାଙ୍କ ନାମ, ଭାବବାଦୀ ପ୍ରକଟ କରିଥିବା ସମୟ କିଅବା ତାହାଙ୍କ ପରିବାର ବିଷୟରେ ଉଲ୍ଲେଖିତ କରାଯାଏ ନାହିଁ ।

ଇଦୋମୀୟମାନେ ଏଷୌଙ୍କ ବଂଶଧର । ଯାକୁବ ଓ ଏଷୌ ଇସ୍‌ହାକ ଓ ରିବିକାଙ୍କ ଦୁଇ ଯାଆଁଳା ପୁତ୍ରଗଣ । "ତହିଁରେ ସଦାପ୍ରଭୁ ତାହାଙ୍କୁ କହିଲେ ତୁମ୍ଭ ଗର୍ଭରେ ଦୁଇଗୋଷ୍ଠୀ ଅଛନ୍ତି ଓ ଦୁଇ ଗୋତ୍ର ତୁମ୍ଭ ଉଦରରୁ ଉତ୍ପନ୍ନ ହେବେ, ଏକ ଗୋତ୍ର ଅନ୍ୟ ଗୋତ୍ର ଠାରୁ ବଳବାନ ହେବେ, ପୁଣି ଜ୍ୟେଷ୍ଠ କନିଷ୍ଠର ସେବା କରିବ"

(ଆଦି ୨୫:୨୩) ''ଏହି ରୂପେ ଏଷୌ ସେୟୀର ପର୍ବତରେ ବାସ କଲା, ସେହି ଏଷୌ ନାମ ଇଦୋମ ।'' (ଆଦି ୨୬:୮)

**ଏଷୌଙ୍କ ଜୀବନ :** (୧) ଏକଦିନରେ ଯାକୁବ ଡାଲି ରାନ୍ଧୁଥିଲା; ସେହି ସମୟରେ ଏଷୌ କ୍ଳାନ୍ତ ହୋଇ କ୍ଷେତ୍ରରୁ ଆସିଲା, ... ଆଜି ତୁମ୍ଭେ ମୋତେ ଆପଣା ଜ୍ୟେଷ୍ଠାଧିକାର ବିକ୍ରୟ କର । ...ଯାକୁବ କହିଲା, ତୁମ୍ଭେ ଆଜି ମୋହ ନିକଟରେ ଶପଥ କର; ତହିଁରେ ସେ ତାହା ନିକଟରେ ଶପଥ କଲା, ଏହିରୂପେ ସେ ଆପଣା ଜ୍ୟେଷ୍ଠାଧିକାର ବିକ୍ରୟ କରିଦେଲା ।'' (ଆଦି ୨୫:୩୧-୩୩) (୨) ଅନନ୍ତର ଏଷୌ ଚାଳିଶି ବର୍ଷ ବୟସରେ ହିତ୍ତୀୟ ବେରିର ଯିହୁଦୀତ ନାମ୍ନୀ କନ୍ୟାକୁ ଓ ହିତ୍ତୀୟ ଏଲୋନର ବାସମତ ନାମ୍ନୀ କନ୍ୟାକୁ ବିବାହ କଲେ । ମାତ୍ର ସେମାନେ ଇସ୍‌ହାକ ଓ ରିବିକାଙ୍କ ମନର ଦୁଃଖଦାୟିନୀ ହେଲେ ।'' (ଆଦି ୨୫:୩୪-୩୫) (୩) ''ତହିଁରେ ଏଷୌ କହିଲା, ତାହାର ଯଥାର୍ଥ ନାମ କି ଯାକୁବ ନୁହେଁ ? ଯେହେତୁ ସେ ଦୁଇଥର ମୋତେ ପ୍ରବଞ୍ଚନା କଲେ, ସେ ପୂର୍ବରେ ମୋର ଜ୍ୟେଷ୍ଠାଧିକାର ହରଣ କରିଥିଲା । ପୁଣି ଦେଖ, ଏବେ ମୋର (ପ୍ରାପତ୍ୟ) ଆଶୀର୍ବାଦ ହିଁ ହରଣ କଲା । ଆପଣ କି ମୋ ନିମନ୍ତେ ଗୋଟିଏ ଆଶୀର୍ବାଦ ରଖିନାହାନ୍ତି ? (ଆଦି ୨୫:୩୬) (୪) ଇସ୍‌ହାକ ତାହାଙ୍କ ଆଶୀର୍ବାଦ କରି କହିଲେ, ''...ଦେଖ, ତୁମ୍ଭର ବସତି ପୃଥିବୀର ଉର୍ବରତା ବିହୀନ ଓ ଉପରିସ୍ଥ ଆକାଶର କାକରବିହୀନ ହେବ । ତୁମ୍ଭେ ଖଡ଼୍‌ଗଜୀବୀ ଓ ଆପଣା ଭ୍ରାତାର ଦାସ ହେବ, ମାତ୍ର ଯେତେବେଳେ ତୁମ୍ଭେ ବନ୍ଧନ ଛିଣ୍ଡାଇବ, ସେତେଳେ ସେ ଆପଣା କାନ୍ଧରୁ ତାହାର ଯୁଆଳି ପକାଇ ଦେବ । (୨୫:୩୯-୪୦) (୫) ଏଷୌ ଓ ଯାକୁବ ମଧ୍ୟରେ ଶାନ୍ତି ସ୍ଥାପନ; ''ସେତେବେଳେ ଏଷୌ ତାହାଙ୍କୁ ଭେଟିବାକୁ ଧାଇଁ ଆସି ତାହାର ଗଳା ଧରି ଆଲିଙ୍ଗନ ଓ ଚୁମ୍ବନ କଲା, ପୁଣି ଦୁହେଁ ଭୋଜନ କଲେ ।'' (ଆଦି ୩୩:୪)

**ଈଶ୍ରାଏଲ ଓ ଇଦୋମ ମଧ୍ୟରେ ତିକ୍ତ ସମ୍ବନ୍ଧ :** (୧) ଈଶ୍ରାଏଲ ସନ୍ତାନମାନେ ମିସର ଦେଶରୁ ପ୍ରସ୍ଥାନ କରି କିଣାନ ଦେଶକୁ ଯାତ୍ରା କରିବା ସମୟରେ, ସେମାନଙ୍କୁ ଇଦୋମ ଦେଶ ମଧ୍ୟରେ ପାର ହେବାର ଥିଲା । ତେଣୁ ମୋଶା ଇଦୋମ ଦେଶର ରାଜାଙ୍କ ନିକଟକୁ ଦୂତ ପଠାଇ କହିଲେ, ''...ଆମ୍ଭମାନଙ୍କ ପ୍ରତି ଯେ ସମସ୍ତ କ୍ଲେଶ ଘଟିଅଛି, ତାହା ତୁମ୍ଭେ ଜାଣ... ମୁଁ ବିନୟ କରୁଅଛି, ତୁମ୍ଭ ଦେଶ ଦେଇ ଆମ୍ଭମାନଙ୍କୁ

ଯିବାକୁ ଦିଅ, ଆମ୍ଭେମାନେ ଶସ୍ୟ କ୍ଷେତ୍ର କି ଦ୍ରାକ୍ଷାକ୍ଷେତ୍ର ମଧ୍ୟଦେଇ ଯିବୁ ନାହିଁ କିଅବା କୂପଜଳ ପାନ କରିବୁ ନାହିଁ, ଆମ୍ଭେମାନେ ରାଜପଥ ଦେଇ ଗମନ କରିବୁ, ଆମ୍ଭେମାନେ ତୁମ୍ଭ ସୀମା ପାର ହେବା ପର୍ଯ୍ୟନ୍ତ ଦକ୍ଷିଣରେ କି ବାମରେ ଫେରିବୁ ନାହିଁ, ତହିଁରେ ଇଦୋମ ତାହାଙ୍କୁ କହିଲେ, ତୁମ୍ଭେ ଆମ୍ଭ ଦେଶ ମଧ୍ୟ ଦେଇ ଯିବ ନାହିଁ, ଗଲେ ଆମ୍ଭେ ଖଡ଼ଗ ନେଇ ତୁମ୍ଭ ବିରୁଦ୍ଧରେ ବାହାର ହେବା । ....(୨ୟ ଥର)....ତହୁଁ ସେ କହିଲେ, ତୁମ୍ଭେ ଦେଶ ଦେଇ ଯିବ ନାହିଁ ଏ ଉତ୍ତାରେ ଇଦୋମ ଅନେକ ଲୋକ ସଙ୍ଗରେ ନେଇ ମହାବଳରେ ତାଙ୍କ ବିରୁଦ୍ଧରେ ବାହାର ହେବେ ।'' (ଗଣନା ୨୦:୧୪-୨୧) । (୨) ଇଶ୍ରାଏଲ, ଇଦୋମ ଉପରେ ରାଜତ୍ୱ କଲେ ଓ ଭାବବାଦୀ ବିଲାମ ଏହି ବିଷୟରେ ଭାବବାଣୀ ପ୍ରକଟ କରିଥିଲେ । ''ପୁଣି ଇଦୋମ ଏକ ଅଧିକାର ହେବ, ଯେଉଁମାନେ ତାହାର ଶତ୍ରୁ ଥିଲେ, ଏପରି ସେୟୀର ମଧ୍ୟ ଏକ ଅଧିକାର ହେବ । ମାତ୍ର ଇଶ୍ରାଏଲ ବୀରର କର୍ମ କରିବ ।'' (ଗଣନା ୨୪:୧୮) (୩) ରାଜା ଦାଉଦ ଇଦୋମ ଜୟ କରିଥିଲେ । ''ଆଉ ସେ ଇଦୋମରେ ପ୍ରହରୀଦଳ ସ୍ଥାପନ କଲା; ତହିଁରେ ଇଦୋମୀୟ ସମସ୍ତ ଲୋକ ଦାଉଦଙ୍କର ଦାସ ହେଲେ...'' (୧ମ ରାଜା ୧୮:୧୩) (୪) ଇଦୋମ ଇଶ୍ରାଏଲ ବିରୁଦ୍ଧାଚରଣ କଲେ, ରାଜା ଶଲୋମନ ଆଜ୍ଞାଲଂଘନ କରିବାରୁ, ସଦାପ୍ରଭୁ ଇଶ୍ରାଏଲ ବିରୁଦ୍ଧରେ ଇଦୋମୀୟମାନଙ୍କୁ ଉଠାଇଥିଲେ । (୫) ରାଜା ଯିହୋଶାଫଟ ପୁତ୍ର ଯୋରାମଙ୍କ ରାଜତ୍ୱ ସମୟରେ ''.....ଇଦୋମୀୟ ଲୋକମାନେ ଯିହୁଦାର ଅଧୀନତାର ବିଦ୍ରୋହୀ ହୋଇ ଆପଣାମାନଙ୍କ ଉପରେ ଏକ ରାଜା କଲେ । (୨ ରାଜା ୮:୨୦)

**ପୁସ୍ତକର ସାରାଂଶ :** (୧) ଇଦୋମର ଅହଂକାର (୪) (୨) ସମୂଳେ ଧ୍ୱଂସହେବ (୩) ତାହାର ସହାୟକମାନେ ପ୍ରବଞ୍ଚନା କରିବେ (୪) ତାହାର ଜ୍ଞାନୀମାନଙ୍କ ବୁଦ୍ଧି ବିନଷ୍ଟ ହେବ । (୫) ବୀରଗଣ ଉଚ୍ଛିନ୍ନ ହେବେ (୨ ପଦ)

**(B)** - ଇଦୋମ, ଯାକୁବ ପ୍ରତି ଦୌରାତ୍ମ୍ୟ କରିଥିଲା । (୧୦ମ ପଦ)
- ଇଶ୍ରାଏଲର ଦୁର୍ଦ୍ଦଶାରେ ଆନନ୍ଦିତ ହେଲେ (୧୨)
- ଲୁଟ ସମ୍ପତ୍ତିରେ ଭାଗୀ ହେଲେ (୧୩ମ ପଦ)
- ପଳାତକମାନଙ୍କ ପଥରୁଦ୍ଧ କଲେ ଓ ଶତ୍ରୁ ହସ୍ତରେ ସମର୍ପଣ କଲେ ।
- ଯିରିମିୟ ଭାବବାଣୀ ପ୍ରକଟ କରିଥିଲେ ''...ହେ ଇଦୋମର କନ୍ୟା, ସେ ତୁମ୍ଭ ଅଧର୍ମର ପ୍ରତିଫଳ ଦେବେ (ବିଳାପ ୪:୨୨)

(C) - ଇଦୋମ ଦଣ୍ଡିତ ହେବ : (୧) କାରଣ ସକଳ ଗୋଷ୍ଠୀ ଉପରେ ସଦାପ୍ରଭୁଙ୍କର ଦିନ ସନ୍ନିକଟ; ତୁମ୍ଭେ ଯେପରି କରିଅଛ, ତୁମ୍ଭ ପ୍ରତି ସେପରି କରାଯିବ: ତୁମ୍ଭ କୃତ ବ୍ୟବହାରର (ପ୍ରତିଫଳ) ତୁମ୍ଭ ନିଜ ମସ୍ତକରେ ବର୍ତ୍ତିବ ।'' (୧୫ମ ପଦ) ଗାଲାତି ୬:୭) (୨) ସମ୍ପୁର୍ଣ୍ଣ ବିନଷ୍ଟ ହେବେ ''ପୁଣି ଅଜାତ ତୁଲ୍ୟ ହେବ ।'' (୧୬ତମ ପଦ) (୩) ''...ପ୍ରତିଫଳ ଦେବ । ଆମ୍ଭର କର୍ମ, କାରଣ ସେମାନଙ୍କ ବିପଦର ଦିନ ସନ୍ନିକଟ ଓ ସେମାନଙ୍କ ପାଇଁ ଯାହା ନିରୂପିତ, ତାହା ଶୀଘ୍ର ଆସୁଅଛି।'' (ଦ୍ୱି.ବି. ୩୨:୩୫)

**ଇଶ୍ରାଏଲର ପୁନଃସ୍ଥାପନ :** ''ମାତ୍ର ରକ୍ଷାପ୍ରାପ୍ତ ଲୋକମାନେ ସିୟୋନରେ ଥିବେ ଓ ତାହା ପବିତ୍ର ହେବ, ଆଉ ଯାକୁବ ବଂଶ ଆପଣାମାନଙ୍କର ଅଧିକାର ଭୋଗ କରିବେ ।'' (୧୭) ଇଶ୍ରାଏଲମାନେ ଅଗ୍ନିଶିଖା ସ୍ୱରୂପ ଇଦୋମକୁ ଗ୍ରାସ କରିବେ ଓ ଏଷୌ ବଂଶର ଆଉ କେହି ଅବଶିଷ୍ଟ ରହିବେ ନାହିଁ । (୧୮ତମ ପଦ)

ଓବଦିୟ ପୁସ୍ତକର ମୂଳ ଉପଦେଶ : (୧) ''ଅହଂକାର ସର୍ବନାଶର ସମ୍ମୁଖରେ ଥାଏ ।'' (ହିତ ୧୮:୮) (୨) ''ସେ ତାହା ଅନୁସନ୍ଧାନ କରିବେ ନାହିଁ ବୋଲି ଦୁଷ୍ଟ ଆପଣା ମଧ୍ୟରେ ଅହଂକାର କହେ । ପରମେଶ୍ୱର ନାହାନ୍ତି, ଏହା ତାହାର ସକଳ ଚିନ୍ତାର ସାର ।'' (ଗୀତ ୧୦:୪) (୩) ଆପଣା ଭାତୃଗଣର ତତ୍ତ୍ୱବଧାନ କରୁ । (୪) ଆମେ ଯାହା ବୁଣୁ, ତାହା କାଟୁ । (ଗାଲାତୀ ୬:୭) (୫) ''....ତୁମ୍ଭେ ଯେପରି କରିଅଛ, ତୁମ୍ଭ ପ୍ରତି ସେପରି କରାଯିବ, ତୁମ୍ଭ କୃତ ବ୍ୟବହାରର (ପ୍ରତିଫଳ) ତୁମ୍ଭ ନିଜ ମସ୍ତକରେ ବର୍ତ୍ତିବ ।'' (ଓବଦିୟ ୧୫୬) (୫) ଧାର୍ମିକତା ରାଜ୍ୟର ଉନ୍ନତି ଜନ୍ମାଏ, ମାତ୍ର ପାପ ନରଗଣର ଅପମାନ ।'' (ହିତ ୧୪:୩୪) ''କାରଣ ଯେକେହି ଆପଣାକୁ ଉନ୍ନତ ବୋଲି ଦେଖାଏ, ତାହାକୁ ନତ କରାଯିବ, ପୁଣି ଯେ ଆପଣାକୁ ନତ କରେ, ତାହାକୁ ଅବନତ କରାଯିବ ।'' (ଲୂକ ୧୪:୧୧) ଇଦୋମ ଇଶ୍ରାଏଲର ଦୁର୍ଦ୍ଦଶାରେ ଆନନ୍ଦିତ ହେଲା । ''ପ୍ରେମ ଅଧର୍ମରେ ଆନନ୍ଦ କରେ ନାହିଁ'' (୧ କରିନ୍ଥୀ ୧୩:୬)

**- *Ronnie Gootam***

# ଯୀଶୁଙ୍କର ନାମଗୁଡ଼ିକ

## (Names of Jesus)

ଆପଣଙ୍କୁ କେତୋଟି ନାମ ବା ପଦବୀ ଦିଆଯାଇପାରେ ? ଅନେକ ଥାଇପାରେ । ପବିତ୍ର ବାକ୍ୟ ଅଧ୍ୟୟନ କଲେ ଯୀଶୁଙ୍କର ଅନେକ ନାମ ପାଇପାରିବା । କେବଳ ପ୍ରକାଶିତ ୧୯ ଅଧ୍ୟାୟରେ ତାହାଙ୍କର ଚାରୋଟି ନାମ ପାଇପାରୁ ।

ପ୍ରକାଶିତ ବାକ୍ୟ ୧୯:୧୧ ପଦରେ ଲେଖାଯାଏ, ''....ଆଉ ଦେଖ, ଗୋଟିଏ ଶ୍ୱେତବର୍ଣ୍ଣ ଅଶ୍ୱ; ତାହାର ଆରୋହୀଙ୍କ ନାମ ବିଶ୍ୱସ୍ତ ଓ ସତ୍ୟ; ସେ ନ୍ୟାର୍ଯ୍ୟ ରୂପେ ବିଚାର ଓ ଯୁଦ୍ଧ କରନ୍ତି, ''ଅର୍ଥାତ୍ ଆମ୍ଭେମାନେ ପ୍ରତ୍ୟେକେ ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ସକଳକୁ ବିଶ୍ୱାସ କରୁ ଓ ସମ୍ମାନ ଦେଉ, ସେ କେବେ ବି ଅସ୍ଥିର କିଅବା ଅନ୍ୟାୟୀ ନୁହନ୍ତି । ଏବ୍ରୀ ପୁସ୍ତକ କର୍ତ୍ତା ୧୩:୮ରେ କହନ୍ତି, ''ଯୀଶୁଖ୍ରୀଷ୍ଟ କାଲି, ଆଜି ଓ ଚିରକାଳ ସମାନ ଅଟନ୍ତି ।'' ଯୀଶୁଖ୍ରୀଷ୍ଟଙ୍କ ଏହି ବ୍ୟକ୍ତିତ୍ୱ ''ପାପ'' ପ୍ରତି ମଧ୍ୟ ସତ୍ୟ ଅଟେ । ଜଗତ ଓ ସମୟ ଯେପରି ଭାବେ ପରିବର୍ତ୍ତନ ହେଲେ ବି, ଯାହା ତାହାଙ୍କ ଦୃଷ୍ଟିରେ ପାପ (କିଅବା ମନ୍ଦ) ଥିଲା, ବର୍ତ୍ତମାନ ପର୍ଯ୍ୟନ୍ତ ''ପାପ'' ଅଟେ । ଯୀଶୁଖ୍ରୀଷ୍ଟ ବିଶ୍ୱସ୍ତ ଓ ନ୍ୟାୟୀ ଅଟନ୍ତି । ମିଥ୍ୟା ସିଦ୍ଧାନ୍ତ, ଭ୍ରାନ୍ତ ଶିକ୍ଷା ପ୍ରତି ମଧ୍ୟ ତାହାଙ୍କ ମନୋଭାବରେ ପରିବର୍ତ୍ତନ ଆସେ ନାହିଁ । (ମାଥିଉ ୭:୨୧; ଏଫିସୀ ୫:୨୬,୨୭) । ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ମନୁଷ୍ୟକୁ କଅଣ କରିବାକୁ ସେହି ଆଜ୍ଞାରେ ମଧ୍ୟ ପରିବର୍ତ୍ତନ ନାହିଁ । (ମାଥିଉ ୨୮:୧୮-୨୦; ମାର୍କ ୧୬:୧୬) । ଆମ୍ଭମାନଙ୍କ ପ୍ରତି ତାହାଙ୍କ ଅପାର ପ୍ରେମରେ ମଧ୍ୟ ପରିବର୍ତ୍ତନ ନାହିଁ ।

**ଅନ୍ୟ ଏକ ନାମ, ''....ନାମ ତାହାଙ୍କ ବିନା ଅନ୍ୟ କେହି ଜାଣେ ନାହିଁ ।'' (୧୨)**

ଏହା ଏକ ଅଜଣା ନାମ । ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ତାହାଙ୍କୁ ଦତ୍ତ ହୋଇଅଛି । ପ୍ରେରିତ ପାଉଲ ଫିଲିପ ମଣ୍ଡଳୀକୁ ଲେଖନ୍ତି, ''ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି । ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ ।'' (ଫିଲିପୀ ୨:୧୧) । ତାହାଙ୍କ ସମସ୍ତ ବିଷୟ

ଆମ୍ଭମାନଙ୍କ ଜ୍ଞାନର ବାହାରେ । ଆମ୍ଭେମାନେ ଛାର ମନୁଷ୍ୟ ମାତ୍ର । ତାହାଙ୍କ ବଶୀଭୂତ ହୋଇ ଜୀବନଯାପନ କରୁ ।

**''.....ତାହାଙ୍କର ନାମ ଈଶ୍ୱରଙ୍କର ବାକ୍ୟ ।'' (୧୩ତମ ପଦ)**

ଏହି ବାକ୍ୟର ସମତୁଲ୍ୟ ବାକ୍ୟ ଯୋହନ ୧:୧୪ରେ ଲେଖାଯାଏ, ''ଆଉ, ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାକ୍ୟ କଲେ, ଆଉ ତାହାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ୍ୟ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ । (ଯୋହନ ୧:୧୪) । ଆମ୍ଭମାନଙ୍କ ମୁଖରୁ ବ୍ୟକ୍ତ ବାକ୍ୟ ଦ୍ୱାରା ଆମ୍ଭେମାନେ ଆମ୍ଭମାନଙ୍କ ଆଲୋଚନା ବ୍ୟକ୍ତ କରୁ । ଆମ୍ଭମାନଙ୍କ ତ୍ରାଣକର୍ତ୍ତା, ପ୍ରଭୁ ଯୀଶୁଖ୍ରୀଷ୍ଟ, ପିତା ପରମେଶ୍ୱରଙ୍କୁ ଆପଣା କାର୍ଯ୍ୟ ଦ୍ୱାରା ଶିକ୍ଷା ଦ୍ୱାରା ପ୍ରକଟ କଲେ । ତାହାଙ୍କୁ 'ବାକ୍ୟ' ରୂପେ ନାମକରଣ କରିବା ସମୟୁକ୍ତ । ସେ ସଦାପ୍ରଭୁଙ୍କ ପ୍ରତିବିମ୍ବ ।

**ସେ ପ୍ରଭୁମାନଙ୍କ ପ୍ରଭୁ ରାଜାମାନଙ୍କ ରାଜା :**

''ତାହାଙ୍କ ବସ୍ତ୍ରରେ, ତାହାଙ୍କ ଜଙ୍ଘଦେଶରେ ଏହି ନାମ ଲିଖିତ ଅଛି, ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କ ପ୍ରଭୁ (ପ୍ରକାଶିତ ବାକ୍ୟ ୧୯:୧୬)

ଏହା ସର୍ବୋଚ୍ଚ ପଦବୀ । ପ୍ରତ୍ୟେକ ଯୁଗର ପ୍ରତ୍ୟେକ ରାଜାମାନଙ୍କ ଉପରେ ସେ ଅଧିକାରୀ । ସେ ରାଜାଧିରାଜ । ପ୍ରତ୍ୟେକ ଯୁଗର ପ୍ରଭୁମାନଙ୍କ ଉପରେ ପ୍ରଭୁତ୍ୱ କରନ୍ତି । ସେ ପ୍ରଭୁମାନଙ୍କ ପ୍ରଭୁ ଅଟନ୍ତି । ସେ ଯୁଗେ ଯୁଗେ ରାଜତ୍ୱ କରନ୍ତି । (ପ୍ରକାଶିତ ୧୧:୧୫) । କଲସୀ ୧:୧୭,୧୮ରେ ପ୍ରେରିତ ପାଉଲ ଲେଖନ୍ତି, ''ସମସ୍ତ ବିଷୟ ସୃଷ୍ଟ ହେବା ପୂର୍ବରୁ ସେ ଅଛନ୍ତି ଓ ତାହାଙ୍କ ଠାରେ ସମସ୍ତ ବିଷୟର ଅସ୍ତିତ୍ୱ ଅଛି । ଆଉ, ସେ ମଣ୍ଡଳୀରୂପ ଶରୀରର ମସ୍ତକ ସ୍ୱରୂପ, ସେ ଆଦି, ମୃତମାନଙ୍କ ମଧ୍ୟରୁ ପ୍ରଥମ ଜାତ, ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି ।''

ଆମ୍ଭମାନଙ୍କ ସୁପରିଚିତ, ସୁମଧୁର ନାମ 'ଯୀଶୁ' ସେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଅଟନ୍ତି ।

*- Glenn Colley*

❋❋❋

# ସମୟ ପୂର୍ବରୁ ବିଚାର କରନ୍ତୁ ନାହିଁ
## (Judge Nothing before the time)

ବିଚାରକର୍ତ୍ତାମାନଙ୍କ ସମୟରେ, ସରୀୟ ନଗରରେ ଦାନବଂଶୀୟ ଏକ ବ୍ୟକ୍ତି ଥିଲେ । ତାହାଙ୍କ ନାମ ମାନୋହ । ତାହାଙ୍କ ଭାର୍ଯ୍ୟା ବନ୍ଧ୍ୟା ଥିଲେ । ଦିନେ ''ସଦାପ୍ରଭୁଙ୍କ ଦୂତ ସେହି ସ୍ତ୍ରୀଙ୍କୁ ଦର୍ଶନ ଦେଇ କହିଲେ, ଦେଖ, ତୁମ୍ଭେ ବନ୍ଧ୍ୟା ଓ ପ୍ରସବ କରି ନାହଁ, ମାତ୍ର ତୁମ୍ଭେ ଗର୍ଭବତୀ ହୋଇ ପୁତ୍ର ପ୍ରସବ କରିବ ।'' (ବିଚାରକର୍ତ୍ତା ୧୩:୩) । ସେହି ସ୍ତ୍ରୀ ଆପଣା ସ୍ୱାମୀଙ୍କୁ ଏହି ବାର୍ତ୍ତା ଜଣାଇବାରୁ ସେ ସଦାପ୍ରଭୁଙ୍କୁ ବିନତି କରି କହିଲେ, ''ହେ ପ୍ରଭୋ, ବିନୟ କରୁଅଛି, ପରମେଶ୍ୱରଙ୍କର ଯେଉଁ ଲୋକଙ୍କୁ ଆପଣ ପଠାଇଥିଲେ, ସେ ଆମ୍ଭମାନଙ୍କ ନିକଟକୁ ପୁନଃର୍ବାର ଆସନ୍ତୁ ଓ ଯେଉଁ ବାଳକ ଜନ୍ମିବ, ତାହା ପ୍ରତି ଆମ୍ଭମାନଙ୍କର କି କର୍ତ୍ତବ୍ୟ, ଏହା ଆମ୍ଭମାନଙ୍କୁ ଶିଖାନ୍ତୁ ।'' (୮ମ ପଦ) ''ପୁଣି, ପରମେଶ୍ୱର ମନୋହର ରବ ଶୁଣିଲେ, ପୁଣି ସେ ସ୍ତ୍ରୀ କ୍ଷେତ୍ରରେ ବସିଥିବା ବେଳେ ପରମେଶ୍ୱରଙ୍କ ଦୂତ ପୁନର୍ବାର ତାହା ନିକଟକୁ ଆସିଲେ...'' (୯) । ସେହି ଦୂତ ନିମନ୍ତେ ମାନୋହ ଏକ ଭୋଜ ପ୍ରସ୍ତୁତ କରିବାକୁ ବିନତୀ କରିଥିଲେ । କିନ୍ତୁ ସେ କହିଲେ,''...ଆମ୍ଭେ ତୁମ୍ଭ ଆହାର ଭୋଜନ କରିବୁ ନାହିଁ, ପୁଣି ତୁମ୍ଭେ ହୋମବଳି ପ୍ରସ୍ତୁତ କର, ତେବେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ତାହା ଉତ୍ସର୍ଗ କର...।'' (୧୬) । ହୋମବଳିର ସେହି ଯଜ୍ଞବେଦୀର ଅଗ୍ନିଶିଖାରେ ସଦାପ୍ରଭୁ ଊର୍ଦ୍ଧ୍ୱଗମନ କଲେ । ''ଏଣୁ ମାନୋହ ଆପଣା ଭାର୍ଯ୍ୟାଙ୍କୁ କହିଲା, ଆମ୍ଭେମାନେ ପରମେଶ୍ୱରଙ୍କୁ ଦେଖିଅଛୁ, ଏଣୁ ଅବଶ୍ୟ ମରିବା ।'' କିନ୍ତୁ ତାହାଙ୍କ ଭାର୍ଯ୍ୟା ତାହାଙ୍କୁ କହିଲା, ''...ଯେବେ ଆମ୍ଭମାନଙ୍କୁ ବଧ କରିବାକୁ ସଦାପ୍ରଭୁଙ୍କର ସନ୍ତୋଷ ଥାନ୍ତା, ତେବେ ସେ ଆମ୍ଭମାନଙ୍କ ହସ୍ତରୁ ହୋମବଳି ଓ ସୌଭକ୍ଷ ନୈବେଦ୍ୟ ଗ୍ରହଣ କରି ନ ଥାନ୍ତେ ଅବା ସେ ଏସବୁ ବିଷୟ ଆମ୍ଭମାନଙ୍କୁ ଦେଖାଇ ନ ଥାନ୍ତେ, କିଅବା ସେ ସମୟରେ ଏପରି କଥା ଶୁଣାଇ ନ ଥାନ୍ତେ ।'' (୧୩:୨୨-୨୩)

ମାନୋହଙ୍କ ସଦୃଶ୍ୟ ଆମ୍ଭମାନଙ୍କ ମଧ୍ୟରେ ଅନେକ ଭ୍ରମ ରହିଥାଏ । ଆମ୍ଭେମାନେ ସମସ୍ୟା, ବାଧାବିଘ୍ନର ସମ୍ମୁଖୀନ ହେଲେ, ପରମେଶ୍ୱର ଆମ୍ଭମାନଙ୍କୁ ପରିତ୍ୟାଗ କରିଅଛନ୍ତି ବୋଲି ମନେ କରୁ । ଅନେକ ବର୍ଷ ପର୍ଯ୍ୟନ୍ତ, ଯାକୁବ ଆପଣା

ପ୍ରିୟ ପୁତ୍ର ମୃତ୍ୟୁଭୋଗ କରିଅଛନ୍ତି ବୋଲି ମନେ କରୁଥିଲେ । କିନ୍ତୁ ସଦାପ୍ରଭୁଙ୍କ ଯୋଜନା ତାହାଙ୍କ ଉଦ୍ଦେଶ୍ୟରେ ଶ୍ରେଷ୍ଠତର ଥିଲା । ଯୋଶେଫ ମଧ ତାହାଙ୍କ ଦୁଃଖ କଷ୍ଟ ସମୟରେ ସଦାପ୍ରଭୁ ତାହାଙ୍କୁ ତ୍ୟାଗ କରିଅଛନ୍ତି ବୋଲି ମନେ କରିଥିବେ । କିନ୍ତୁ ସମସ୍ତ ବିଷୟ, ସମସ୍ତଙ୍କ ମଙ୍ଗଳ ନିମନ୍ତେ ସାଧିତ ହୋଇଥିଲା ବୋଲି ସେ ସାକ୍ଷ୍ୟ ଦେଇଥିଲେ । (ଆଦି ୫୦ ପର୍ବ)

ଆପଣ ସମସ୍ୟାର ସମ୍ମୁଖୀନ ହେଲେ, ସଦାପ୍ରଭୁ ଯେ ଆପଣଙ୍କୁ ପରିତ୍ୟାଗ କରିଅଛନ୍ତି ବୋଲି ମନେ ନ କରନ୍ତୁ । ସେ ଆମ୍ଭମାନଙ୍କୁ ବିନଷ୍ଟ କରିବାକୁ ମନସ୍ଥ କରିଥିଲେ, ଆମ୍ଭମାନଙ୍କ ପାପମୋଚନ ନିମନ୍ତେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପଠାଇ ନ ଥାନ୍ତେ । ସେ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପଠାଇ ଥିବାରୁ, ଏହା ପ୍ରମାଣିତ ହୁଏ ଯେ, ସେ ଆମ୍ଭମାନଙ୍କ ମଙ୍ଗଳମୟ ପିତା ଅଟନ୍ତି । ସେମାନଙ୍କୁ ଅନନ୍ତଜୀବନ ଦେବାରେ ହୃଷ୍ଟ ଅଟନ୍ତି । ତାହାଙ୍କ କାର୍ଯ୍ୟ ସମ୍ପନ୍ନ ନ ହେବା ପର୍ଯ୍ୟନ୍ତ ତାହାଙ୍କୁ ଦୋଷ ନ ଦେଉ ।

ସମୟପୂର୍ଣ୍ଣ ହୁଅନ୍ତେ ମାନୋହଙ୍କ ପୁତ୍ର ଜନ୍ମ ହେଲେ । ଆମ୍ଭେମାନେ ତାହାଙ୍କୁ ଶାମ୍‌ଶନ ନାମେ ଜାଣୁ ।

**- *John Gipson***

❋❋❋

# ପ୍ରଭୁଯୀଶୁଙ୍କ ବାକ୍ୟ ଶ୍ରବଣ କର ଓ ପାଳନ କର

## (Hear and obey the Lord Jesus)

ଅସଂଖ୍ୟ ଜନସମୂହଙ୍କୁ ଯୀଶୁଖ୍ରୀଷ୍ଟ ପର୍ବତ ଉପରେ ଉପଦେଶ ଦେବା ପରେ ସେ କହିଲେ, ''ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ ମାତ୍ର ଯେ ମୋହର ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।'' (ମାଥିଉ ୭:୨୧) । ଏହି ବାକ୍ୟ ସର୍ବଦା ଆମ୍ଭମାନଙ୍କ ହୃଦୟରେ ସଞ୍ଚିତ କରି ରଖୁ । ଏହି ବାକ୍ୟର ପ୍ରଭାବ ଓ ଆମ୍ଭମାନଙ୍କ ଚତୁର୍ଦ୍ଦିଗରେ ଥିବା ବ୍ୟକ୍ତିମାନଙ୍କ ସର୍ବଦା ରହୁ ।

ପ୍ରଭୁ (**Lord**) ଏହି ପଦ କୋଇନ୍ ଗ୍ରୀକ୍ ପଦ (**Kurio**)ରୁ ଆନୀତ ।

ଅର୍ଥାତ୍ 'ସର୍ବୋଚ୍ଚ' ଅଧିକାରୀ ସମସ୍ତ ଯାହାଙ୍କ ଅଧିନସ୍ଥ । **Thayer** ବିଶେଷଜ୍ଞ ସର୍ବୋଚ୍ଚ ସମ୍ମାନ ଓ ଗୌରବର ପଦ ଯେଉଁ ପଦ ଦ୍ୱାରା ଦାସମାନେ ମୁନିବମାନଙ୍କୁ ଅଭିନନ୍ଦନ ଜଣାନ୍ତି ବୋଲି ଆପଣା ବାଖ୍ୟାନରେ ପ୍ରକଟ କରନ୍ତି ।

ମନୁଷ୍ୟ ସମାଜରେ ଅଜ୍ଞାନରେ ଜୀବନଯାପନ କରି ପରମେଶ୍ୱରଙ୍କ ବାର୍ତ୍ତା ଏହି ଜଗତକୁ ଆସିଥିଲେ । ଯୀଶୁ, ସଦାପ୍ରଭୁ ପିତା ପରମେଶ୍ୱରଙ୍କୁ ପ୍ରାର୍ଥନା କରି କହିଥିଲେ, ''କାରଣ ତୁମ୍ଭେ ମୋତେ ଯେ ସମସ୍ତ ବାକ୍ୟ ଦାନ କଲ, ମୁଁ ସେମାନଙ୍କୁ ସେହି ସବୁ ଦାନ କରିଅଛି, ଆଉ ସେମାନେ ଗ୍ରହଣ କରିଅଛନ୍ତି, ପୁଣି ମୁଁ ଯେ ତୁମ୍ଭ ନିକଟରୁ ଆସିଅଛି, ତାହା ସତ୍ୟ ରୂପେ ଜାଣିଅଛନ୍ତି, ଓ ତୁମ୍ଭେ ମୋତେ ପ୍ରେରଣ କରିଅଛ ବୋଲି ବିଶ୍ୱାସ କରିଅଛନ୍ତି ।'' (ଯୋହନ ୧୭:୮) । ସଦାପ୍ରଭୁ ବର୍ତ୍ତମାନ ଅଜ୍ଞାନତା ସହ୍ୟ କରୁନାହାନ୍ତି କିନ୍ତୁ ସମସ୍ତେ ମନ ପରିବର୍ତ୍ତନ କରନ୍ତୁ ବୋଲି ଇଚ୍ଛା କରନ୍ତି । (ପ୍ରେରିତ ୧୭:୩୦) ଦମେସ୍କକ ସଡ଼କରେ ପ୍ରଭୁ ଯୀଶୁ, ଶାଉଲଙ୍କୁ ଦର୍ଶନ ଦେବା ସମୟରେ ସେ ତାହାଙ୍କୁ ପଚାରିଥିଲେ, ''ପ୍ରଭୋ, ମୋତେ କଅଣ କରିବାକୁ ହେବ ?'' ପ୍ରେରିତ ପାଉଲ ଜ୍ଞାନ ସହ ଆଚରଣ କରିଥିଲେ । ସେ ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ବାପ୍ତିଜିତ ହୋଇଥିଲେ ଓ ଆପଣା ପାପ ତାହାଙ୍କ ରକ୍ତରେ ଧୌତ କରିଥିଲେ । (ପ୍ରେରିତ ୨୨:୧୬)

ଆସ ଆମ୍ଭେମାନେ ତାହାଙ୍କୁ କେବଳ ମୁଖ ଦ୍ୱାରା ସ୍ୱୀକାର ନ କରି, ତାହାଙ୍କ ଆଜ୍ଞାବହ ହେଉ । ବର୍ତ୍ତମାନ ସୁଦ୍ଧା ସେ ଆମ୍ଭମାନଙ୍କୁ ପଚାରନ୍ତି, ''ଆଉ, ତୁମ୍ଭେମାନେ କହିବ, ମୋତେ ପ୍ରଭୁ, ପ୍ରଭୁ ବୋଲି ସମ୍ବୋଧନ କରୁଅଛ, ମାତ୍ର ମୋହର ବାକ୍ୟ ପାଳନ କରୁନାହଁ । (ଲୂକ ୬:୯,୬)

*- Tim Child*

❋❋❋

# ସଦାପ୍ରଭୁଙ୍କ ବାକ୍ୟ

## (The word of God)

**ଏବ୍ରୀ ୪:୧୨ :** ଏହି ବାକ୍ୟାଂଶରେ ଏବ୍ରୀ ପୁସ୍ତକକର୍ତ୍ତା ଈଶ୍ୱରଙ୍କ ବାକ୍ୟର ପ୍ରାଧାନ୍ୟତା ଓ ଆବଶ୍ୟକତା ବିଷୟରେ ବର୍ଣ୍ଣନା କରନ୍ତି । ସଦାପ୍ରଭୁ ଆମ୍ଭମାନଙ୍କ ବିଶ୍ୱାସର ଭଣ୍ଡାର । ଏହା ଆମ୍ଭମାନଙ୍କୁ ପ୍ରୋତ୍ସାହିତ କରେ । ଲେଖାଯାଏ, ''...ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି ଦ୍ୱିଧାର ଖଡ଼ଗ ଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ବିଚାରକ ।''

**ସଦାପ୍ରଭୁଙ୍କ ବାକ୍ୟ ଜୀବନ୍ତ :** ସଦାପ୍ରଭୁଙ୍କ ବାକ୍ୟ ଜୀବନ୍ତ ଯେହେତୁ ତାହା ପାପୀମାନଙ୍କ ହୃଦୟ ବିଦୀର୍ଣ୍ଣ କରେ, ସାଧୁମାନଙ୍କୁ ସାନ୍ତ୍ୱନା ଦିଏ । ପାପୀ ଓ ସାଧୁ ଦୁହେଁ ମୃତ୍ୟୁବରଣ କରିବେ, କିନ୍ତୁ ସଦାପ୍ରଭୁଙ୍କ ବାକ୍ୟ ନିତ୍ୟ ଜୀବିତ । ''କାରଣ ସମସ୍ତ ମର୍ତ୍ତ୍ୟ ତୃଣ ତୁଲ୍ୟ, ତାହାର ସମସ୍ତ ଶୋଭା ତୃଣର ପୁଷ୍ପ ସଦୃଶ୍ୟ, ତୃଣ ଶୁଖିଯାଏ, ଆଉ ଫୁଲ ଝଡ଼ିପଡ଼େ, କିନ୍ତୁ ଈଶ୍ୱରଙ୍କ ବାକ୍ୟ, ଯାହା ତୁମ୍ଭମାନଙ୍କ ନିକଟରେ ପ୍ରଚାରିତ ହୋଇଅଛି ।'' (୧ମ ପିତର ୧:୨୪,୨୫)

**ସଦାପ୍ରଭୁଙ୍କ ବାକ୍ୟ ଶକ୍ତିଯୁକ୍ତ :** ସଦାପ୍ରଭୁଙ୍କ ବାକ୍ୟ ଶକ୍ତିଯୁକ୍ତ, ଏହାଦ୍ୱାରା ପାପୀ ମନ ପରିବର୍ତ୍ତନ କରେ । ''ସଦାପ୍ରଭୁଙ୍କ ବାକ୍ୟ ସିଦ୍ଧ, ପ୍ରାଣର ସ୍ୱାସ୍ଥ୍ୟଜନକ; ସଦାପ୍ରଭୁଙ୍କ ପ୍ରମାଣ ବାକ୍ୟ ଅଟଳ, ଅଜ୍ଞ ବୁଦ୍ଧିର ଜ୍ଞାନଦାୟକ ।'' (ଗୀତ ୧୯:୭) । ସଦାପ୍ରଭୁଙ୍କ ବାକ୍ୟ ଶୟତାନର ଶକ୍ତି ଭୂମିସାତ୍ କରେ । ଯେଣୁ ଆମ୍ଭମାନଙ୍କର ଯୁଦ୍ଧର ଅସ୍ତ୍ରଶସ୍ତ୍ର ଶାରୀରିକ ନୁହେଁ, ମାତ୍ର ଦୃଢ଼ ଗଡ଼ ଭୂମିସାତ୍ କରିବା ନିମନ୍ତେ ଈଶ୍ୱରଙ୍କ ଦୃଷ୍ଟିରେ ଶକ୍ତିଯୁକ୍ତ ଅଟେ ।'' (୨ କରିନ୍ଥୀ ୧୦:୪) ସଦାପ୍ରଭୁଙ୍କ ବାକ୍ୟରୂପ ଖଡ଼ଗ ଦ୍ୱାରା ଆମ୍ଭେମାନେ ଶୟତାନକୁ ପରାସ୍ତ କରୁ ।

ସଦାପ୍ରଭୁଙ୍କ ବାକ୍ୟ ତୀକ୍ଷ୍ଣ : ''ଦ୍ୱିଧାର ଖଡ଼ଗ ଠାରୁ ତୀକ୍ଷ୍ଣତର'' ସଦାପ୍ରଭୁଙ୍କ ବାକ୍ୟ । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, ''ପୁଣି, ପରିତ୍ରାଣରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ଼ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କର ।'' (ଏଫିସୀ ୬:୧୭)।

ଏହା ସାଧାରଣ ଖଡ଼ଗ ଠାରୁ ତୀକ୍ଷ୍ଣ ଭାବେ କାଟେ । ଏହା ମନୁଷ୍ୟର ହୃଦୟକୁ ବିଦୀର୍ଣ୍ଣ କରେ । ସାଧାରଣ ଖଡ଼ଗ ମନୁଷ୍ୟର ଶାରୀରିକ ହୃଦୟକୁ କାଟିପାରେ । କିନ୍ତୁ ଅନ୍ତଃକରଣ କାଟି ନ ପାରେ । (ପ୍ରେରିତ ୬:୨:୫୭)

**ସଦାପ୍ରଭୁଙ୍କ ବାକ୍ୟ ପ୍ରାଣ, ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ :** ମନୁଷ୍ୟର ଅଭ୍ୟାସଗତ କୁକଳ୍ପନା, ଦୁଷ୍ଟ ଆଲୋଚନା ସମସ୍ତ ସଦାପ୍ରଭୁଙ୍କ ବାକ୍ୟ ଖଣ୍ଡନ କରେ । ଶରୀର ଅଭିଳାଷଗତ ପାପ, ମାନସିକ ପାପ ସମସ୍ତ ଦୂର କରେ । ଏତଦ୍ୱାରା ମନୁଷ୍ୟ ପାପଭାରରୁ ମୁକ୍ତ ହୁଏ ।

**ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ :** ସଦାପ୍ରଭୁଙ୍କ ବାକ୍ୟ, ଆମ୍ଭମାନଙ୍କ ଅନ୍ତକରଣର, ମନର କଳଙ୍କ ସବୁ ଖଣ୍ଡନ କରେ । ପାପମୟ ହୃଦୟ ଆଲୋଚନାରୁ ପାପ ଜନ୍ମ ନିଏ । "ହୃଦୟରୁ କୁଚିନ୍ତା, ନରହତ୍ୟା, ବ୍ୟଭିଚାର, ବେଶ୍ୟାଗମନ, ଚୌର୍ଯ୍ୟ, ମିଥ୍ୟାସାକ୍ଷୀ ଓ ନିନ୍ଦା ବାହାରେ, ଏହି ସମସ୍ତ ହିଁ ମନୁଷ୍ୟକୁ ଅଶୁଚି କରେ, କିନ୍ତୁ ଅଧୌତ ହସ୍ତରେ ଭୋଜନ କରିବା ମନୁଷ୍ୟକୁ ଅଶୁଚି କରେ ନାହିଁ ।" (ମାଥିଉ ୧୫:୧୯,୨୦) କିନ୍ତୁ ସଦାପ୍ରଭୁଙ୍କ ବାକ୍ୟ ମନୁଷ୍ୟକୁ ସତ୍‌ମାର୍ଗରେ କଢ଼ାଏ । ଏହା ସଦାପ୍ରଭୁଙ୍କ ଶକ୍ତି ।

ସଦାପ୍ରଭୁଙ୍କ ବାକ୍ୟ ଆପଣଙ୍କ ଜୀବନରେ ପରିବର୍ତ୍ତନ ଆଣେ । ଆପଣଙ୍କ ଦ୍ୱାରା ଅନ୍ୟମାନଙ୍କ ଜୀବନରେ ପରିବର୍ତ୍ତନ ଆସେ । ଆପଣ କି ସଦାପ୍ରଭୁଙ୍କ ଠାରେ ଓ ତାହାଙ୍କ ବାକ୍ୟର ବିଶ୍ୱାସ କରୁ ଅଛନ୍ତି ?

- ***Charles Box***

# ପୁନର୍ବାର ଦୀପ୍ତି ପ୍ରକାଶ ପାଉ

## (Let there be light again)

''ଯେଣୁ ଅନ୍ଧକାରରୁ ଦୀପ୍ତି ପ୍ରକାଶ ପାଉ ବୋଲି ଆଜ୍ଞା ଦେଇଥିଲେ ଯେଉଁ ଈଶ୍ୱର, ସେ ଖ୍ରୀଷ୍ଟଙ୍କ ମୁଖରେ ପ୍ରକାଶିତ ଈଶ୍ୱରଙ୍କ ଗୌରବମୟ ଜ୍ଞାନର ଆଲୋକ ଦେଖାଇବା ନିମନ୍ତେ ଆମ୍ଭମାନଙ୍କ ହୃଦୟରେ ଆଲୋକ ପ୍ରକାଶ କରିଅଛନ୍ତି ।'' (୨ କରିନ୍ଥୀ ୪:୬) । ସମୟ ଆରମ୍ଭ ହେବା ପୂର୍ବେ ପୃଥିବୀ ଚାରିଆଡ଼େ ଅନ୍ଧକାର ଆବରି ଥିଲା । ''ଅନନ୍ତର ପରମେଶ୍ୱର କହିଲେ, ଦୀପ୍ତି ହେଉ, ତହିଁରେ ଦୀପ୍ତି ହେଉ ।'' (ଆଦି ୧:୩) । ଷଷ୍ଠ ଦିବସରେ ପରମେଶ୍ୱର ମନୁଷ୍ୟକୁ ଆପଣା ପ୍ରତିମୂର୍ତ୍ତିରେ ନିର୍ମାଣ କଲେ । କିନ୍ତୁ କିଛି ସମୟ ପରେ ମନୁଷ୍ୟ ପାପ କରି ଆତ୍ମିକ ଅନ୍ଧକାରରେ ପତିତ ହେଲା । (ଆଦି ୩ ପର୍ବ)

ତତ୍ ପରବର୍ତ୍ତୀ ଶତାବ୍ଦୀ ମାନଙ୍କରେ (ପ୍ରାୟ ୪୦୦୦ ବର୍ଷ) ପୁରାତନ ନିୟମର ସମୟରେ ମନୁଷ୍ୟମାନେ ନୂତନ ନିୟମର ପ୍ରତୀକ୍ଷାରେ ବିତାଇଥିଲେ । (ଯିଶାଇୟ ୯:୧-୭) । ୨ୟ କରିନ୍ଥୀ ୪ ପଦରେ, ପ୍ରେରିତ ପାଉଲ ଲେଖନ୍ତି, ସେହି ଆଲୋକ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ମନୁଷ୍ୟମାନଙ୍କ ନିକଟରେ ପ୍ରକାଶିତ ହୋଇଅଛି । ଏହି ଆଲୋକ ପିତା ପରମେଶ୍ୱରଙ୍କ ଠାରୁ ପ୍ରେରିତ । ଏହା ସୁସମାଚାର ଅଟେ । ଏହି ସୁସମାଚାର ଦ୍ୱାରା ମନୁଷ୍ୟ ପାପମୟ ଅନ୍ଧକାର ଜୀବନରୁ ମୁକ୍ତ ହୋଇ ଆଲୋକିତ ହୁଏ । ପରମେଶ୍ୱରଙ୍କ ପ୍ରତିମୂର୍ତ୍ତି ଯୀଶୁଖ୍ରୀଷ୍ଟଙ୍କ ବିଷୟକ ଜ୍ଞାନ, ଆମ୍ଭେମାନେ ସୁସମାଚାର ଦ୍ୱାରା ଜ୍ଞାତ ହୋଇପାରୁ । ''କିନ୍ତୁ ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବା ପରି ପ୍ରଭୁଙ୍କ ଗୌରବ ଦେଖୁ ଓ ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ । ଯେଣୁ ପ୍ରଭୁ ଯେକି ଆତ୍ମା, ତାହାଙ୍କ ଠାରୁ ଏହିସବୁ ହେଉଅଛି ।'' (୨ କରିନ୍ଥୀ ୩:୧୮) । ''ଯେଣୁ ଆମ୍ଭେମାନେ କ୍ଳାନ୍ତ ହେଉନାହୁଁ, କିନ୍ତୁ ଆମ୍ଭମାନଙ୍କର ବାହ୍ୟିକ ପୁରୁଷ କ୍ଷୟ ପାଇଲେ ସୁଦ୍ଧା ଆମ୍ଭମାନଙ୍କ ଆନ୍ତରିକ ପୁରୁଷ ଦିନକୁ ଦିନ ନୂତନୀକୃତ ହେଉଅଛି ।'' (୨ କରିନ୍ଥୀ ୪:୧୬) ''ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି । ପୁରାତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟ ସବୁ ହୋଇଅଛି ।'' (୨ କରିନ୍ଥୀ ୫:୧୭)

ଈଶ୍ୱରଙ୍କ ବାକ୍ୟ ଜୀବନର ଜ୍ୟୋତି ଅଟେ । (ଯୋହନ ୧:୧-୫) । ସୁସମାଚାର ରୂପକ ଦୀପ୍ତି, ଆମ୍ଭମାନଙ୍କ ଜୀବନରେ ପ୍ରକାଶିତ ହେଲେ ଆମ୍ଭମାନଙ୍କ ଜୀବନ ପରିବର୍ତ୍ତିତ ହୁଏ, ନୂତନୀକୃତ ହୁଏ । ଆଲୋକ ଜୀବନ ଦିଏ । ଯୀଶୁ କହିଲେ,''......ମୁଁ ଜଗତର ଜ୍ୟୋତିଃ, ଯେ ମୋହର ଅନୁଗମନ କରେ, ସେ କେବେହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତି ପାଇବ ।'' (ଯୋହନ ୮:୧୨)

- *Caieb Boggs*

❊❊❊

# ''ତାହାର ଯାହା ସାଧ୍ୟ, ତାହା ସେ କରିଅଛି...''

## (She has done what she could do)

''ଦାନ ଦେବା''ର ଏକ ସର୍ବୋତ୍କୃଷ୍ଟ ଉଦାହରଣ ଆମ୍ଭେମାନେ ସୁସମାଚାର ପୁସ୍ତକଗୁଡ଼ିକରୁ ତିନୋଟି ପୁସ୍ତକରେ ପଢ଼ିଥାଉଁ । (ମାଥିଉ ୨୬:୬-୧୩; ମାର୍କ ୧୪:୩୯; ଯୋହନ ୧୨:୧) । ଏଠାରେ ଲାଜରଙ୍କ ସହୋଦରୀ ମରିୟମଙ୍କ ବିଷୟକ ଏକ ଘଟଣା ଲିଖିତ ହୋଇଅଛି । (ଯୋହନ ୧:୨) । ସିମୋନ ନାମକ ଏକ କୁଷ୍ଠୀଗୃହରେ, ଯୀଶୁଖ୍ରୀଷ୍ଟ ଭୋଜନ କରିବା ସମୟରେ, ତାହାଙ୍କ ଗୃହରେ ପ୍ରବେଶ କରି ବହୁମୂଲ୍ୟ ବିଶୁଦ୍ଧ ଜଟାମାଂସୀ ତୈଳରେ ତାହାଙ୍କ ମସ୍ତକ ଓ ପାଦ ଅଭିଷିକ୍ତ କରିଥିଲେ । ତୈଳପାତ୍ର ଓ ତୈଳ ଉଭୟ ବହୁମୂଲ୍ୟ ଥିଲା । କିନ୍ତୁ ତାହାଙ୍କ କାର୍ଯ୍ୟରେ ଶିଷ୍ୟମାନେ ବିରକ୍ତ ହୋଇଥିଲେ । ''କିନ୍ତୁ କେତେକ ଲୋକ ବିରକ୍ତ ହୋଇ ପରସ୍ପରକୁ କହିଲେ,''ତୈଳ କାହିଁକି ଏପରି ନଷ୍ଟ ହେଲା ? ଏହି ତୈଳ ଓ ଦେଢ଼ଶ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରୟ କରାଯାଇ ଦରିଦ୍ରମାନଙ୍କୁ ଦିଆଯାଇ ପାରିଥାଆନ୍ତା । ତେଣୁ ସେମାନେ ସେହି ସ୍ତ୍ରୀଲୋକଙ୍କୁ ଭର୍ତ୍ସନା କରିବାକୁ ଲାଗିଲେ । କିନ୍ତୁ ଯୀଶୁ କହିଲେ, ତାହାକୁ ଛାଡ଼ିଦିଅ; କାହିଁକି ତାହାକୁ କଷ୍ଟ ଦେଉଅଛ ? ସେ ମୋ ପ୍ରତି ଉତ୍ତମ କର୍ମ କରିଅଛି, ସେ ସମାଧି ନିମନ୍ତେ ମୋହର ଶରୀରକୁ ପୂର୍ବରୁ ତୈଳରେ ଅଭିଷିକ୍ତ କରିଅଛି ।'' (ମାର୍କ ୧୪:୬-୯) । ଏହି କାର୍ଯ୍ୟ ଯଦି ମରିୟମ, ଯୀଶୁଙ୍କ ମୃତ ଦେହରେ କରିଥାନ୍ତେ, କେହି ଅଭିଯୋଗ କରି ନଥାନ୍ତେ, ଅତିଶୀଘ୍ର ତାହାଙ୍କ ମୃତ୍ୟୁର

ପୂର୍ବେ ମରିୟମ ଯୀଶୁଙ୍କ ସଜୀବ ଶରୀରକୁ ଅଭିଷିକ୍ତ କରିଥିଲେ ବୋଲି ଯୀଶୁ କହିଥିଲେ। ଯୀଶୁ ତାହାଙ୍କ ପ୍ରଶଂସା କରି କହିଥିଲେ, ''ତାହାର ଯାହା ସାଧ୍ୟ, ତାହା ସେ କରିଅଛି...'' । ଯୀଶୁ କି ଆମ୍ଭମାନଙ୍କ କାର୍ଯ୍ୟ ଓ ଜୀବନ ବିଷୟରେ ଏପରି କହିବେ ?

ଯୀଶୁଖ୍ରୀଷ୍ଟଙ୍କ ଏହି କଥାରୁ ଏହା ପ୍ରମାଣିତ ହୁଏ ଯେ, ଖ୍ରୀଷ୍ଟଧର୍ମ ଏକ କାର୍ଯ୍ୟଶୀଳ ପଥ । ପ୍ରଶ୍ନ ଉଠେ ନାହିଁ, ଆମ୍ଭେମାନେ କଅଣ ପ୍ରାପ୍ତ ହେବା, କିନ୍ତୁ ପ୍ରଶ୍ନ ଉଠେ ଆମ୍ଭେମାନେ କିପରି କାର୍ଯ୍ୟ କରୁଅଛୁ ? ଭକ୍ତ ଯାକୁବ କହନ୍ତି,''କିନ୍ତୁ ଶ୍ରୋତା ମାତ୍ର ହୋଇ ଆପଣାକୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ।'' (ଯାକୁବ ୧:୨୨)। ଆମ୍ଭେମାନେ ଯଦି ବାକ୍ୟ ଜାଣିବା ଯଥେଷ୍ଟ ବୋଲି ମନେ କରୁଅଛୁ, ଆପଣା ଆପଣାକୁ ପ୍ରବଞ୍ଚନା କରୁଅଛୁ । ଶ୍ରୋତା ମାତ୍ର ନ ହୋଇ ବାକ୍ୟାନୁଯାୟୀ କାର୍ଯ୍ୟ କରୁ ।

ଯୀଶୁଙ୍କ ମରିୟମ ପ୍ରତି ପ୍ରଶଂସା ବାକ୍ୟରେ ନିହିତ ରହିଥିବା ଦ୍ୱିତୀୟ ବିଷୟ ହେଲା; ଆମ୍ଭମାନଙ୍କ ଜୀବନରେ ପରମେଶ୍ୱର କି ପ୍ରଥମ ସ୍ଥାନ ଓ ସର୍ବଶ୍ରେଷ୍ଠ ବିଷୟମାନର ହକ୍‌ଦାର ନୁହନ୍ତି ? ପରମେଶ୍ୱରଙ୍କ ବାକ୍ୟ ପ୍ରଚାର କରିବାର ସୁଯୋଗ ଅନେକ ହରାଇ ତପ୍ରରେ ଦୁଃଖିତ ହୁଅନ୍ତି । ଆପଣ କି ପରମେଶ୍ୱରଙ୍କ ବିଷୟରେ କହିବାର ସୁଯୋଗ ସତ୍ ବ୍ୟବହାର କରୁଅଛନ୍ତି ? ଯୀଶୁଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ସମୟରେ ସେ ଯେତେବେଳେ ଆପଣଙ୍କ ପ୍ରଦତ୍ତ ତୋଡ଼ାର ହିସାବ ମାଗିବେ, ଆପଣ କି ଉତ୍ତର ଦେବେ ?

ଆମ୍ଭମାନଙ୍କର ଯାହା ସାଧ୍ୟ, ତାହା ଆମ୍ଭେମାନେ କରିବା ଆବଶ୍ୟକ । ପ୍ରତ୍ୟେକ ଖ୍ରୀଷ୍ଟିୟାନ ମହାନ୍ କାର୍ଯ୍ୟ କରିବାରେ କିଅବା ମହାନ ନେତା ହେବା ଅସମ୍ଭବ ଓ ଅସାଧ୍ୟ କିନ୍ତୁ ପ୍ରତ୍ୟେକ ଖ୍ରୀଷ୍ଟିୟାନ କିଛି ନା କିଛି କରିବାରେ ଅବଶ୍ୟ ସମର୍ଥ । ପ୍ରଭୁଯୀଶୁ ପାଞ୍ଚତୋଡ଼ା ଓ ଦୁଇତୋଡ଼ା ପ୍ରାପ୍ତ ଦୁଇଜଣ ବ୍ୟକ୍ତିର ଉଦାହରଣ କହିଥିଲେ। ଦୁହେଁ ପ୍ରାପ୍ତ ହୋଇଥିବା ତୋଡ଼ା ଦ୍ୱାରା ଦ୍ୱିଗୁଣ ଲାଭ କରିଥିଲେ । ସେମାନଙ୍କ ଯାହା ସାଧ୍ୟ ସେମାନେ କରିଥିବାରୁ, ମାଲିକଙ୍କ ଠାରୁ ପୁରସ୍କାର ପାଇଥିଲେ । କେତେକ ଅନ୍ୟମାନଙ୍କ ସହ ଆପଣାକୁ ତୁଳନା କରି କାର୍ଯ୍ୟ ନକରିବାର ବାହାନା ଖୋଜନ୍ତି । ଆମ୍ଭେମାନେ କଅଣ କରୁଅଛୁ ତାହାର ପ୍ରଶ୍ନ ଉଠେ ନାହିଁ, କିନ୍ତୁ ଆମ୍ଭମାନଙ୍କୁ ଦତ୍ତ ତୋଡ଼ା ଦ୍ୱାରା ଆମ୍ଭେମାନେ କିପରି ବ୍ୟବହାର କରୁଅଛୁ, ତାହା ଦ୍ୱାରା ଆମ୍ଭେମାନେ ବିଚାରିତ ହେବା । ଆମ୍ଭମାନଙ୍କ ଯାହା ସାଧ୍ୟ ଆମ୍ଭେମାନେ କି ତାହା କରୁଅଛୁ ?

ଆମ୍ଭମାନଙ୍କୁ ଯେଉଁ ତୋଡ଼ା ଦିଆଯାଇଅଛି, ତାହା ଦ୍ୱାରା ପରମେଶ୍ୱରଙ୍କ ଦ୍ରାକ୍ଷାକ୍ଷେତ୍ରର କାର୍ଯ୍ୟ କରୁ । ଆମ୍ଭମାନଙ୍କ କାର୍ଯ୍ୟ ସଦାପ୍ରଭୁଙ୍କ ସନ୍ତୁଷ୍ଟଜନକ ହେଲେ, ସେ ଆମ୍ଭମାନଙ୍କୁ ପୁରସ୍କୃତ କରିବେ ।

*- Jerry Bates*

❋❋❋

## ପ୍ରତି ପ୍ରଭାତରେ ନୂତନ
## (Fresh Every Morning)

ପବିତ୍ର ବାଇବଲରେ ଲେଖାଯାଏ,''ସଦାପ୍ରଭୁଙ୍କ ବିବିଧ ଦୟା ସକାଶୁ ଆମ୍ଭେମାନେ ବିନଷ୍ଟ ହୋଇନାହୁଁ, କାରଣ ତାହାଙ୍କର କରୁଣା ଶେଷ ହୁଏ ନାହିଁ । ସେସବୁ ପ୍ରଭାତରେ ନୂତନ, ତୁମ୍ଭର ବିଶ୍ୱସ୍ତତା ମହତ୍ ।'' (ବିଳାପ ୩:୨୨-୨୩) । ଯିରୁଶାଲମର ପତନର ପରେ ପରେ ଏହି ବାକ୍ୟ ଲିଖିତ ହୋଇଅଛି । (ଖ୍ରୀ:ପୂ: ୫୮୬) । ଏହି ବିଳାପ ବାକ୍ୟର ପୁସ୍ତକ ଯିରୁଶାଲମ ଉଦ୍ଦେଶ୍ୟରେ ଲିଖିତ ହୋଇଅଛି। ଏହା ଏକ ଗୌରବମୟ ନଗରର ପାପ ଯୋଗୁଁ ପତନର ଗାଥା । (ବିଳାପ ୧:୯; ୩:୪୨; ୫:୧୬) ସଦାପ୍ରଭୁଙ୍କ ଦୟା, କୃପା ଅନନ୍ତସ୍ଥାୟୀ । ସେ ଉତ୍ତମ ଓ ମଙ୍ଗଳମୟ। (ବିଳାପ ୩:୨୫) । ସେ ସଦାକାଳ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ ପରିତ୍ୟାଗ କରିବେ ନାହିଁ। ତାହାଙ୍କ ଦୟା ଓ କୃପା ଅନନ୍ତକାଳସ୍ଥାୟୀ । (ବିଳାପ ୩:୩୧-୩୨)

ପ୍ରେରିତ ପାଉଲ ଲେଖନ୍ତି, ''ଆମ୍ଭେମାନେ ଉତ୍ତମ କର୍ମ କରିବାରେ ଶ୍ରାନ୍ତ ନ ହେଉ, କାରଣ କ୍ଳାନ୍ତ ନୋହିଲେ ଉପଯୁକ୍ତ ସମୟରେ ଶସ୍ୟ କାଟିବା ।'' (ଗାଲାତି ୬:୯) । ଏକ ଚାଷୀ ଭୂମି ହଳ କରେ, ଶସ୍ୟ ବୁଣେ, ପାଣି ଦିଏ, ବାଲୁଙ୍ଗା ଉପାଡ଼େ, କିନ୍ତୁ ବେଳେ ବେଳ ସୂର୍ଯ୍ୟର ପ୍ରତାପ ସହ୍ୟ କରି ନ ପାରି ସେହି କାର୍ଯ୍ୟରୁ ପରିତ୍ୟାଗ କରିବାକୁ ଚାହିଁପାରେ । କିନ୍ତୁ ଉତ୍ତମ ଫସଲ କାଟିବା ନିମନ୍ତେ ନିରନ୍ତର କାର୍ଯ୍ୟ କରିବାକୁ ପଡ଼େ ।

ଏକ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଯାପନ ନିମନ୍ତେ ଧୈର୍ଯ୍ୟ ଆବଶ୍ୟକ । “ଯେଉଁମାନେ ଧୈର୍ଯ୍ୟ ସହିତ ଉତ୍ତମ କର୍ମ କରି ଗୌରବ, ସମ୍ମାନ ଓ ଅମରତା ଅନ୍ୱେଷଣ କରନ୍ତି, ସେମାନଙ୍କୁ ଅନନ୍ତଜୀବନ ପ୍ରଦାନ କରିବେ ।” (ରୋମୀୟ ୨:୭) । ବେଳେ ବେଳେ କ୍ଷେତ୍ରର ପ୍ରତାପ ଅସହ୍ୟ ହୋଇଉଠେ, କିନ୍ତୁ “...କ୍ଳାନ୍ତ ନ ହୋଇଲେ ଉପଯୁକ୍ତ ସମୟରେ ଶସ୍ୟ କାଟିବା ।” (ଗାଲାତୀ ୬:୯)

ଆମ୍ଭମାନଙ୍କ ହୃଦୟ ନିରୁତ୍ସାହିତ ହେଲେ ସୁଦ୍ଧା, ସଦାପ୍ରଭୁ ଦୟା ଓ କୃପା ସଦା ଆମ୍ଭମାନଙ୍କ ସହିତ ରହିଥାଏ । ଆମ୍ଭେମାନେ ସତ୍କର୍ମ କରି, ଆତ୍ମାରେ ଜୀବନଯାପନ କରି, ପ୍ରାର୍ଥନା, ବାକ୍ୟ ଅଧ୍ୟୟନ ଦ୍ୱାରା ଆପଣା ଅପାଣାକୁ ନୂତନୀକୃତ କରୁ । “ହେ ସଦାପ୍ରଭୁ, ତୁମ୍ଭ ପ୍ରତି ଆମ୍ଭମାନଙ୍କୁ ଫେରାଅ, ତହିଁରେ ଆମ୍ଭେମାନେ ଫେରିବା ପୂର୍ବକାଳ ପରି ନୂତନ ସମୟ ଆମ୍ଭମାନଙ୍କୁ ଦିଅ ।” (ବିଳାପ ୫:୨୧)

***- Charles C. Pugh III***

❋❋❋

## The Church of Christ

- The Bible is its only guide.
  (Roman 1:16, I Thes 2:13
- It wears a biblical name.
  (Roman 16:16)
- It was established at the right place.
  (Isaiah 2:2,3, Acts 2)
- It was established at the right time.
  (Joel 2:28-32, Acts 2)
- It was established on the right foundation.
  (Mathew 16:18, Acts 2:36)
- The saved are in it.
  (Eph. 5:23, Acts 2:47)
- Its members are enrolled in heaven.
  (Hebrews 12:23)
- Membership in it is obtained by obedience to God's commands, including baptism.
  (Acts 2:41-47, I Cor. 12:13)

**Edited & Published by : Kabita & Joshua Gootam**

# Press on to the Goal

**Mark N. Posey**

**Philippians 3:13-14**

Introduction:
A. Christians must live in the future tense, dwelling in a constant state of readiness.
B. We must daily strive for heaven!

**I.PRESS ON TO THE GOAL, living a Christ-like life (Colossians3:1-4).**
A. Consider the PRICE that was paid (1 Corinthians 6:19-20; Acts 20:28; 1 Peter 1:18- 19).
B. Consider the STEPS that were left (1 Peter 2:21; 1 Corinthians 11:1; Ruth 1:16).
C. Consider the MIND that is available (Philippians 2:5; Proverbs 23:7; Philippians 4:8).

**II. PRESS ON TO THE GOAL, living by faith and not by sight (2 Corinthians 5:7). The Bible speaks of weak, little, much, great and strong faith.**
A. Saving faith is a living faith (Ephesians 2:8-9: Romans 4:20).
B. Living faith is personal, purposeful and profitable,. ***"For to me to live is Christ and to die Is gain"*** (Philippians 1:21).
C. Active faith is ***"steadfast, unmovable, always abounding"*** (1Corinthians 15:58).

**III. PRESS ON TO THE GOAL as a doer of the Word and not just a hearer (James 1:17-25).**
A.God's Word is a precious gift (James 1:17: 1 Samuel 3:1-rare precious; John 1:41: Luke 15:8-10: Matthew 13:45-46).
B. God's Word must be received (James 1:21; Acts 17:11).
C. God's Word will save and bless (James 1:21. 25: Acts 20:32).

**IV.PRESS ON TO THE GOAL by being supremely committed to the church for Which Christ died (1 Corinthians 15:24-25).**
A. She is unique. being the one true church (Ephesians 4:4).
B. She is loved. because Christ is her Head (Ephesians 5:23).
C. She is right in organization (Philippians 1:1). purpose (Ephesians 1:10-12). worship (Acts 20:7) and doctrine (Ephesians 5:25-27).

**V. PRESS ON TO THE GOAL by striving to save your family (Psalm 127:3-5). John said, *"I have no greater joy than to hear that my children walk in truth"* (2 John:4).**
A. Each family must study God's Word in the home (Ephesians 6:4). Fathers have the responsibility of teaching in word and in deed.
B. Each family must be engaged in the Lord's work (Philippians 2:19-22). with Families saying. ***"Here am I Lord; Send me"*** (Isaiah 6:8)
C. Each family must be partners in obtaining the ***"grace of life"*** (1 Peter 3:7). Christian families must band themselves together with love. serving the same Lord. striving for same goal and obeying the same standard.

Write for free Bible Correspondence Course
In
*Telugu & Oriya to:*

**The Director**
Bible Correspondence Course
PO.Box.80, KAKINADA-533001.A.P

---

***Printed Book Only***

---

From :

SATYAVANI
P.O. Box 80
Kakinada - 533001

To

(FOR PRIVATE CIRCULATION ONLY)

Edited & Published by Joshua Gootam Printed by him at Satya Vani Publication, Sambamurthy St., Kakinada - 533 004